मन की बात 100
MANN KI BAAT 100

# ମନ କି ବାତ

ଖଣ୍ଡ 1



# ମନ କି ବାତ
## ଖଣ୍ଡ 1

**Published by**
Amar Chitra Katha Pvt. Ltd

**Edition I**

ISBN : 978-81-19242-31-3

©Amar Chitra Katha Pvt. Ltd, May 2023
All rights reserved. This book is sold subject to the condition that the publication may not be reproduced, stored in a retrieval system (including but not limited to computers, disks, external drives, electronic or digital devices, e-readers, websites), or transmitted in any form or by any means (including but not limited to cyclostyling, photocopying, docutech or other reprographic reproductions, mechanical, recording, electronic, digital versions) without the prior written permission of the publisher, nor be otherwise circulated in any form of binding or cover other than that in which it is published and without a similar condition being imposed on the subsequent purchaser.

# ମନ କି ବାତ

## ଖଣ୍ଡ 1



# The Route to your Roots

When they look back at their formative years, many Indians nostalgically recall the vital part Amar Chitra Katha comics have played in their lives. It was **Amar Chitra Katha** that first gave them a glimpse of their glorious heritage.
Since they were introduced in 1967, there are now over **500 Amar Chitra Katha** titles to choose from. **Over 100 million copies** have been sold worldwide.
Now, Amar Chitra Katha titles are even more widely available in **1000+ bookstores all across India**. If you do not have access to a bookstore near you, you can also buy all the titles through our online store, **www.amarchitrakatha.com**. We provide quick delivery anywhere in the world. To make it easy for you to locate the titles of your choice from our treasure trove of titles, the books are now arranged in six categories.

**Epics and Mythology**
Best known stories from the Epics and the Puranas

**Indian Classics**
Enchanting tales from Indian literature

**Fables and Humour**
Evergreen folktales, legends and tales of wisdom and humour

**Bravehearts**
Stirring tales of brave men and women of India

**Visionaries**
Inspiring tales of thinkers, social reformers and nation builders

**Contemporary Classics**
The best of modern Indian literature

**Illustrations and Cover Art:** Dilip Kadam

**Production:** Amar Chitra Katha

AMAR CHITRA KATHA PVT. LTD

© Amar Chitra Katha Pvt. Ltd, April 2023

Facebook: The Amar Chitra Katha Studio | Instagram: @amarchitrakatha | Twitter: @ACKComics | YouTube: Amar Chitra Katha

Get access to Amar Chitra Katha's digital library on the **ACK Comics App**. Visit **digital.amarchitrakatha.com**

You can now get ACK stories as part of your classroom with **ACK Learn**,
a unique learning platform that brings these stories to your school with a range of workshops.
Find out more at **www.acklearn.com** or write to us at **acklearn@ack-media.com**.

3 ଅକ୍ଟୋବର 2014 ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ଭାରତର ଲୋକ ମାନଙ୍କ ପାଇଁ କିଛି ବିଶେଷ ସୂଚନା ଦେଇଥିଲେ.

ମୋର ପ୍ରିୟ ଭାରତବାସୀ ଗଣ, ଆଜି ବିଜୟା ଦଶମୀ ଉପଲକ୍ଷେ ମୁଁ ମୋର କିଛି ଭାବନା ଆପଣ ମାନଙ୍କ ସହ ବାଣ୍ଟିବାକୁ ଚାହେଁ ଏବଂ ଆଗାମୀ ଦିନ ମାନଙ୍କରେ, ମାସରେ ଥରେ କିମ୍ବା ଦୁଇଥର ଏହା ଜାରି ରଖିବାକୁ ଚାହେଁ. ସ୍ୱାମୀ ବିବେକାନନ୍ଦ ଙ୍କ ଦ୍ୱାରା କୁହାଯାଇଥିବା ଏକ କାହାଣୀ ମୁଁ ଆପଣ ମାନଙ୍କୁ କହିବାକୁ ଯାଉଛି.



ଥରେ ଗୋଟିଏ ସିଂହୀ, ତାର ଦୁଇଟି ଛୁଆ ସହିତ ବାହାରେ ବୁଲୁଥିବା ସମୟରେ, ଗୋଟିଏ ମେଣ୍ଢା ପଲ ଯାଉଥିବାର ଦେଖିଲା. ଶିକାର କରିବା ପାଇଁ ମେଣ୍ଢା ପଲ କୁ ଡେଇଁ ପଡିଲା ସିଂହୀ. ତା ପଛେ ପଛେ ଗୋଟିଏ ଛୁଆ ଡେଇଁ ପଡିଲା କିନ୍ତୁ ଅନ୍ୟ ଛୁଆ ଟି ପଛରେ ରହିଗଲା.

ପଛରେ ରହିଯାଇଥିବା ଛୁଆ ଟିକୁ ଗୋଟିଏ ମାତା ମେଣ୍ଢା ପାଇଲା. ସେ ସିଂହୀ ର ଛୁଆଟିକୁ ନିଜ ଛୁଆ ମାନଙ୍କ ସାଙ୍ଗରେ ପାଳଣ ପୋଷଣ କରିଲା. ମେଣ୍ଢା ଛୁଆ ମାନଙ୍କ ସାଙ୍ଗରେ ରହି ସିଂହ ଛୁଆଟି, ସେଇ ମାନଙ୍କର ଆଚରଣ, ବିଚରଣ ଶିଖିଲା. ସେ ନିଜର ପ୍ରବୃତି ଭୁଲି ମେଣ୍ଢା ହୋଇଗଲା.

କିଛି ବର୍ଷ ପରେ, ଯେଉଁ ସିଂହୀ ଛୁଆଟି ମା ପାଖରେ ଥିଲା, ସେ କାଳ କ୍ରମେ ବଡ ହୋଇଗଲା.ଗୋଟେ ଦିନ ତା ଭାଇ କୁ ମେଣ୍ଢା ମାନଙ୍କ ସାଙ୍ଗରେ ବୁଲୁ ଥିବାର ଦେଖିଲା.ସେ ଆଶ୍ଚର୍ଯ୍ୟ ହୋଇ ଗଲା.ତା ନିଜ ଆଖିକୁ ବିଶ୍ୱାସ କରି ପାରିଲା ନାହିଁ.ନିଜକୁ ପ୍ରଶ୍ନ କରିଲା, ସିଂହ ଛୁଆ ହୋଇ ଏ ମେଣ୍ଢା ଭଳି ଆଚରଣ କାହିଁକି କରୁଛି?

ସେ ଯାଇ ମେଣ୍ଢା ପଲ ରେ ଥିବା ଭାଇ କୁ ପଚାରିଲା, ତୋର କଣ ହୋଇଛି? ତୁ କାହିଁକି ସେମାନଙ୍କ ଭଳି ଆଚରଣ କରୁଛୁ?

ସେ କହିଲା, ମୁଁ ସେମାନଙ୍କ ସାଙ୍ଗରେ ରହିଲି, ସେମାନଙ୍କର ଆଚରଣ ଶିଖିଲି, ସେମାନଙ୍କର ସମସ୍ତ କର୍ମ, ସମସ୍ତ ବ୍ୟବହାର ମୁଁ ଅନୁସରଣ କରିଲି. ତାଙ୍କରି ଭଳି ହୋଇଗଲି. ତା କଥା ଶୁଣି ସିଂହ କହିଲା, ତୁ ତୋର ନିଜର ପରିଚୟ ଭୁଲି ଯାଇଛୁ.



ନିଜର ନିଜତ୍ୱ ଭୁଲି ଯାଇଛୁ. ତୁ ମୋ ସାଙ୍ଗରେ ଚାଲ, ମୁଁ ତୋତେ ତୋ ନିଜ ସହ ପରିଚୟ କରେଇ ଦେବି. ଏତକ କହି ସେ ତାକୁ ସାଙ୍ଗରେ ଧରି ଗୋଟିଏ କୂଅ ପାଖରେ ପହଁଚିଲା.

କୂଅର ପାଣିରେ ଦୁହେଁ ଦୁହିଁ ଙ୍କର ପ୍ରତିବିମ୍ବ ଦେଖିଲେ. ମେଣ୍ଢା ପଲ ରେ ଥିବା ସିଂହ ଛୁଆ ଟି ନିଜ ଭାଇର ପ୍ରତିବିମ୍ବ ଦେଖିଲା ଏବଂ ନିଜକୁ ଦେଖିଲା.ନିଜକୁ ଦେଖିଲା ପରେ ଆଶ୍ଚର୍ଯ୍ୟ ହେଲା.

ତାର ନିଜ ସ୍ୱରୂପ, ନିଜ ପ୍ରକୃତି, ନିଜ ଆଚରଣ ସବୁ ମନେ ପଡ଼ିଗଲା. ସେ ପ୍ରକୃଛିତ ହେଲା ଏବଂ ଏତେ ଦିନ ଧରି ନିଜକୁ ମେଣ୍ଢା ବୋଲି ଭାବୁଥିବା ସିଂହ ଟି ନିଜର ଆତ୍ମସମ୍ମାନ ଏବଂ ନିଜର ଆତ୍ମ ବଳ ପାଇ ପ୍ରକୃତ ସିଂହ ରୂପକୁ ଫେରି ପାଇଲା.

ଏଇ ଦେଶରେ ଆମେ ସମସ୍ତ ଦେଶ ବାସୀ, ଆମ ନିଜର ଆତ୍ମସମ୍ମାନ ବଜାୟ ରଖିବା ଆବଶ୍ୟକ. ଆମର ନିଜର ଆତ୍ମବିଶ୍ୱାସ ଏବଂ ଆତ୍ମଶକ୍ତି ଦ୍ୱାରା ଆମେ ଏକ ପ୍ରଗତିଶୀଳ ଏବଂ ସମୃଦ୍ଧ ରାଷ୍ଟ୍ର ଗଢ଼ି ପାରିବା.


ଯେଉଁ ନାଗରିକ ମାନେ ସାଧାରଣ ହୋଇ ମଧ୍ୟ ନିଜ ସାଥୀ ତଥା ସହଯୋଗୀ ମାନଙ୍କ ଜୀବନ କୁ ସହଜ କରିବା ପାଇଁ ବର୍ଷ ବର୍ଷ ଧରି ତୃଣମୂଳ ସ୍ତର ରୁ ବୀର ଭଳି କାର୍ଯ୍ୟ କରି ଆସିଛନ୍ତି,ସେଇ ମାନଙ୍କ କାହାଣୀ, ପ୍ରଧାନମନ୍ତ୍ରୀ ଲୋକ ଲୋଚନ କୁ ଆଣିଥିଲେ.
ଆଜି ମୁଁ ଆପଣ ମାନଙ୍କୁ କର୍ଣ୍ଣାଟକ ର ଦାସାନାଡୋଡି ଗାଁ ର କାମେଗୌଡା ବିଷୟରେ କହିବି.ସେ ଜଣେ ମେଷ ପାଳକ ହୋଇ ମଧ୍ୟ, ଗ୍ରୀଷ୍ମ ଋତୁର ପ୍ରଭାବରେ ଜଳ କଷ୍ଟ ଭୋଗୁ ଥିବା ଲୋକଙ୍କୁ ଜଳ କଷ୍ଟରୁ ରକ୍ଷା କରିବା ସକାଶେ ସେ ପାଇଁ 16 ଟି ପୁଷ୍କରିଣୀ ଖୋଳି ଥିଲେ.
ସମାଜ ମଙ୍ଗଳ ପାଇଁ କାର୍ଯ୍ୟ କରୁଥିବା ଅନେକ ଗୋଷ୍ଠୀ ଙ୍କର ସେ ଉଦାହରଣ ହୋଇଛନ୍ତି.
ବିଗତ ଆଠ ବର୍ଷ ଧରି ବେଙ୍ଗାଲୁର ର 350 ରୁ ଅଧିକ୍ ଅଞ୍ଚଳ କୁ ପରିଷ୍କାର ଏବଂ ପରିବର୍ତ୍ତନ କରିବା ପାଇଁ ୟୁଥ ଫର ପରିବର୍ତନ,,* କାର୍ଯ୍ୟ କରି ଆସୁଛି. ଆଜି ରବିବାର, ପ୍ରାୟ 150 ଜଣ ସ୍ବେଚ୍ଛାସେବୀ ସେମାନଙ୍କ ସହ ଯୋଗ ଦେଇ ସହର କୁ ସଫା ରଖିବାରେ ସାହାଯ୍ୟ କରୁଛନ୍ତି. ଅଭିଯୋଗ ବନ୍ଦ କର,କାର୍ଯ୍ୟ ଆରମ୍ଭ କର, ହେଲା ସେମାନଙ୍କର ମୂଳ ଲକ୍ଷ ବା ଉଦ୍ଦେଶ୍ଯ
ପ୍ରଧାନମନ୍ତ୍ରୀ ତାଙ୍କର ବକ୍ତବ୍ୟରେ, ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଉଲ୍ଲେଖନିୟ ବଳିଦାନ ବିଷୟରେ ଦେଶବାସୀ ଙ୍କୁ ମନେ ପକାଇ ଦେଇଛନ୍ତି.
ସ୍ୱାଧୀନତା ସଂଗ୍ରାମ ସହ ଜଡିତ ପ୍ରାୟ 75 ରୁ ଅଧିକ ରେଳ ଷ୍ଟେସନ, ଆମ ଦେଶ ରେ ରହିଛି. ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଛଦ୍ମ ବେଶ ରେ ଝାଡ଼ଖଣ୍ଡ ର ଗୋମୋହ ଜଙ୍କସନ ରୁ ଜର୍ମାନୀ ଅଭିମୁଖେ ଯାତ୍ରା କରିଥିଲେ.ଉତ୍ତର ପ୍ରଦେଶ ର କାକୋରୀ ରେଲ ଷ୍ଟେସନରେ, ରାମ ପ୍ରସାଦ ବିସ୍ମିଲ, ଆଶଫକୁଲା ଖାନ ଏବଂ ଚନ୍ଦ୍ରଶେଖର ଆଜାଦ, ତିନିଜଣ ମିଶି ବ୍ରିଟିଶ ଟ୍ରେଜେରୀ ରୁ ଟଙ୍କା ନେଇ ଯାଉଥିବା ଏକ ଟ୍ରେନ କୁ ଲୁଟ କରିଥିଲେ.
काकोरी
KAKORI
ଏକ ମଜାଦାର ଏପିସୋଡ଼ ରେ,ଦୁଇଜଣ ସେନା କୁକୁର, ତାଙ୍କର କର୍ତ୍ତବ୍ୟ, ବିଶ୍ୱସ୍ତ ଭାବରେ ପାଳନ କରିଥିବାରୁ ତାଙ୍କୁ ପ୍ରଶଂସା କରିଥିଲେ
ସୋଫି, ସ୍ୱତନ୍ତ୍ର ସୀମା ବଳ ରୁ
ଭିଦା, ଉତ୍ତର କମାଣ୍ଡ ରୁ.
ସୋଫି ଏବଂ ଭିଡା ଦୁହେଁ ବିଶ୍ୱସ୍ତ ସେନା କୁକୁର. ବିସ୍ଫୋରକ ଉପକରଣ ତିଆରି କରିବା ପାଇଁ ବ୍ୟବହୃତ ଦ୍ୱରାନ୍ୱିତକାରୀ କୁ ସୋଫି ଚିହ୍ନଟ କରିଥିଲା, ଏବଂ ଭିଡା ପାଞ୍ଚଟି ଖଣି ଗ୍ରେନେଡ ଚିହ୍ନଟ କରି ତାଙ୍କର ସୈନ୍ୟ ମାନଙ୍କୁ ସୁରକ୍ଷା ଦେଇ ଥିଲା.ତା ପରେ ସେ କହିଥିଲେ,ଭାରତୀୟ କୁକୁର ମାନେ ବୁଦ୍ଧିମାନ, ବିଚକ୍ଷଣ ଏବଂ ଶକ୍ତି ଶାଳୀ ଅଟନ୍ତି. ସେମାନଙ୍କୁ ଲାଳନ ପାଳନ କରିବା ସହଜ. ତେଣୁ ଯଦି ତୁମେମାନେ କୁକୁର ପାଳିବାକୁ ଚାହୁଁଚ, ତା ହେଲେ ଭାରତୀୟ କୁକୁର ପାଳନ କର.
ମନ କି ବାତ 100 ଟି ଅଧ୍ୟାୟ ସମ୍ପୂର୍ଣ କରିଛି. ଅନେକ ଲୋକ, ପିଲା ପାଖରୁ ବୟସ୍କ ଯାଏ, ଏହା ଶୁଣୁ ଛନ୍ତି ଏବଂ ଏଥିରୁ ପ୍ରେରଣା ପାଉଛନ୍ତି ମଧ.

# ବିଷୟ


| | | |
|---|---|---|
| 1 | ଯୋଗେଶ ସାଇନି | 6 |
| 2 | ଇସମାଇଲ ଖତ୍ରି | 10 |
| 3 | ରାଜୁ | 13 |
| 4 | ନଗୁରାଙ୍କ ମୀନା | 16 |
| 5 | ପନ ମାରିଆପାନ | 19 |
| 6 | କଲମାନ କାମେଗୋଡ଼ା | 21 |
| 7 | ପ୍ରଦୀପ ସାଙ୍ଗୱାନ | 24 |
| 8 | କାମିୟା କାର୍ତ୍ତିକେୟନ | 27 |
| 9 | ଆନଭି ଯାନଯାରୁକିଆ | 30 |

# ଯୋଗେଶ ସାଇନି



ଶ୍ରେଣୀ ଗୃହରେ ବହୁତ ଉତ୍ସାହ ଥିଲା.
ନାୟାର ସାର କହିଛନ୍ତି, ପରବର୍ତ୍ତୀ ଶ୍ରେଣୀ ଏକ ବିଶେଷ ଶ୍ରେଣୀ ହେବ, ଇକବାଲ.
ହେ ଶ୍ରେୟସ, ମୁଁ ଭାବୁଛି ଲିପ ଫ୍ରୋଗ କିମ୍ବା ଖୋ ଖୋ ଭଳି ଏହା ପ୍ରକୃତରେ କୌତୁକିଆ ହେବ.
କିନ୍ତୁ ଇକବାଲ ତାଙ୍କ ବାକ୍ୟ ସଂମ୍ପୂର୍ଣ କରିବା ପୂର୍ବରୁ ---
ଶୁଭ ସକାଳ, ଶ୍ରେୟସ
ଶୁଭ ସକାଳ, ସାର.
ସାର, ଆମେ ଆଜି କଣ କରିବା?
ମୋତେ ଆଗ ଗୋଟେ ପ୍ରଶ୍ନ ପଚାରିବାକୁ ଦିଅ. ତୁମେ ମନ କି ବାତ ବିଷୟ ରେ ଶୁଣିଛ କି?
ଏହା ଏକ ରେଡ଼ିଓ ପ୍ରୋଗ୍ରାମ. ଯେଉଁଥିରେ ଆମ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ଆମ ସହ କଥା ବାର୍ତ୍ତା କରନ୍ତି ଏବଂ ଆମକୁ ଅନେକ କାହାଣୀ ଶୁଣାନ୍ତି.
ବହୁତ ଭଲ. ବିଦ୍ୟା, ତୁମେ କୁହ ସେ କେଉଁ କେଉଁ ବିଷୟରେ କଥା ବାର୍ତ୍ତା କରନ୍ତି?
ସେ ଆମ ଦେଶ ଭାରତ ଏବଂ ଦେଶ ପାଇଁ କାର୍ଯ୍ୟ କରୁଥିବା ମହାନ ଲୋକ ଏବଂ ମହା ପୁରୁଷ ମାନଙ୍କ ବିଷୟରେ କାହାଣୀ କହନ୍ତି.
ଲକ୍ଷ୍ମୀ, ତାହା ସମ୍ପୂର୍ଣ ଠିକ.

# ଯୋଗେଶ ସାଇନି


ପରବର୍ତ୍ତୀ କିଛି ସପ୍ତାହ ପାଇଁ, ଆମେ ମନ କି ବାତ ରେ କୁହା ଯାଇଥିବା କାହାଣୀ ଗୁଡିକ ପାଇଁ ଗୋଟିଏ ଶ୍ରେଣୀ ଉତ୍ସର୍ଗ କରିବୁ. ଯେଉଁ ଲୋକ ମାନେ ଆମ ଦେଶ ପାଇଁ କିଛି ଭିନ୍ନ କାମ କରୁଛନ୍ତି. ପ୍ରଥମେ ଯେଉଁ ବ୍ୟକ୍ତି ଙ୍କ କଥା କହିବାକୁ ପାଉଛି ସେ ଆମ ନିଜ ସହର ଦିଲ୍ଲୀର.
ମୁଁ ତାଙ୍କ ବିଷୟରେ ଶୁଣିଚି ସାର. ତାଙ୍କର ଚିତ୍ର ଗୁଡିକ ଆମ ବିଦ୍ୟାଳୟ ପୂର୍ବରୁ କାନ୍ଥ ରେ ଫ୍ଲାଇ ଓଭର ତଳେ ଅଙ୍କା ହୋଇଛି. ମୁଁ ଏହାକୁ ପ୍ରତିଦିନ ଦେଖେଁ.
ଠିକ କହିଛ ଗୌରୀ. ସେ ପେଶା ରେ ଜଣେ କଳାକାର.
ଯୋଗେଶ ପ୍ରାୟ 20 ବର୍ଷ ଆମେରିକା ରେ ରହିବା ପରେ ନିଜ ଦେଶ ଭାରତ କୁ ଫେରି ଆସିଥିଲେ ଗୋଟେ ଦିନ ସେ ଲୋଦି ଗାର୍ଡେନ ରେ ବୁଲିବା ପାଇଁ ଯାଇଥିଲେ.
ସେ ବଗିଚା ଟି ଦେଖି ବିସ୍ମିତ ହୋଇ ଯାଇଥିଲେ, ଭାବିଲେ ଆମର ଏତେ ବଡ ଏବଂ ଏତେ ସୁନ୍ଦର ସର୍ବସାଧାରଣ ସ୍ଥାନ ଟିଏ ଅଛି, କିନ୍ତୁ ସ୍ଥାନ ଟି ଟିକେ ଅଧିକା ଯତ୍ନ ର ଅଭାବ ରୁ ରଙ୍ଗ ହୀନ ଲାଗୁଚି.
ସେ ଭାବିଲେ, ମୁଁ ଗୋଟିଏ ଛୋଟ ଜିନିଷ ରୁ ମୋ କାର୍ଯ୍ୟ ଆରମ୍ଭ କରିବି, ତା ହେଲେ ଧିରେ ଧିରେ ମୋ ସହିତ ଅନ୍ୟ ମାନେ ଆସି ଯୋଗ ଦେବେ. ଏଇ କଥା ଭାବି ଯୋଗେଶ ଗୋଟିଏ ଆବର୍ଜନା ପାତ୍ର କୁ ରଙ୍ଗୀନ କରିବା ଆରମ୍ଭ କରିଥିଲେ.
ତା ପରେ ସେ ନୂଆ ଦିଲ୍ଲୀ ମୁନିସିପାଲ କର୍ପୋରେସନ ରୁ ଅନୁମତି ପାଇ ଷ୍ଟ୍ରିଟ -ଆର୍ଟ ଶନିବାର ଆୟୋଜନ କରିଥିଲେ.
ଦେଖାଯାଉଛି ଏହା କେବଳ ଆମ ଦୁଇଜଣ. ଚାଲ ଆରମ୍ଭ କରିବା.


କିଛି ଘଣ୍ଟା ପରେ ଦୁଇଜଣ
ଏଗୁଡିକ ଏତେ ସୁନ୍ଦର ଦେଖା ଯାଉଛି, ଆବର୍ଜନା ପାତ୍ର ବୋଲି ବିଶ୍ୱାସ ହେଉ ନାହିଁ.
ଆମେ ଚାହିଁଲେ ଯେ କୌଣସି ଜିନିଷ କୁ ରଙ୍ଗୀନ କରି ପାରିବା.
ଆମେ ବି କଳା କୁ ଭଲ ପାଉ. ଆମେ ଆପଣ ଙ୍କ ସାଙ୍ଗରେ ମିଶି ପାରିବୁ କି?
ART DAY
ଏମିତି ଦୁଇ ଜଣ ରୁ ଚାରିଜଣ, ଚାରି ଜଣ ରୁ ଆଠ ଜଣ ତାପରେ ଆଉରି ଅଧିକ ଲୋକ ମିଶିଲେ ଯୋଗେଶ ଙ୍କ ସାଙ୍ଗରେ.
ଯୋଗେଶ ଏହି ଗୋଷ୍ଠୀ ର ନାମ ରଖିଲେ, ଦିଲ୍ଲୀ ଷ୍ଟ୍ରିଟ ଆର୍ଟ ଏବଂ ଅତି ଶୀଘ୍ର ସେମାନେ ସହର ପ୍ରତ୍ୟେକ ଛୋଟ ଛୋଟ ବସ୍ତୁ କୁ କଲର କରି ସଜେଇବା ଆରମ୍ଭ କରିଦେଲେ.
କାନ୍ଥ ମାନଙ୍କରେ ଚିତ୍ର ଅଙ୍କିଲେ ଆଉରି ସୁନ୍ଦର ହେବ ସହର.
ପ୍ରଥମେ ରାଜେନ୍ଦ୍ର ନଗର ବସ୍ତି ରୁ ଆରମ୍ଭ କରିବା ପାଇଁ ଭାବିଲେ. କିଛି ଭାବିଲେ
ସେ ସ୍ଥାନ ଟି ଅତି ଅପରିଷ୍କାର ଅଟେ.
ସେମାନେ ପ୍ରଥମେ ପ୍ରତି କାନ୍ଥ କୁ ସଫା କରିବା ଆରମ୍ଭ କରିଲେ.
ପର ଦିନ -
ଆପଣ କଣ କରୁଛନ୍ତି?
ବ୍ୟସ୍ତ ହୁଅନ୍ତୁ ନାହିଁ, ସାଙ୍ଗ ଆମେ ତିଆରି କରିବାକୁ ଯାଉଛୁ ତୁମର ଦୋକାନ ଏବଂ ଘର ସୁନ୍ଦର ଦେଖାଯାଉ |
କିଛି ଦିନ ପରେ -
ଏହି ସ୍ଥାନଟି ଭଲ ଦେଖାଯାଉ ନାହିଁ କି?
ହଁ, ଆମ ଘରଗୁଡିକ ବର୍ତ୍ତମାନ ବହୁତ ରଙ୍ଗୀନ ଦେଖାଯାଉଛି |

# ଯୋଗେଶ ସାଇନି


ପ୍ରତ୍ୟେକ ପ୍ରାଚୀର ଚିତ୍ର ସହିତ ଦିଲ୍ଲୀ ଷ୍ଟ୍ରିଟ ଆର୍ଟ, ସହର ରେ ଅଧିକ ଲୋକ ପ୍ରିୟ ହେଲା.
ତାପରେ ଯୋଗେଶ ଭାବିଲେ ଜାତିର ପିତା ମହାତ୍ମା ଗାନ୍ଧୀ ଙ୍କର ଏକ ଚିତ୍ର କରିବା ପାଇଁ.


ସେମାନଙ୍କ ଉଦ୍ୟମ ରେ ଗାନ୍ଧିଜୀ ଙ୍କର କିଛି ଉଲ୍ଲେଖ ନିୟ ଚିତ୍ର ସହର ର ପ୍ରାଚୀର ରେ ଦେଖିବାକୁ ମିଳିଲା.


ଦିନେ -
ମୋର କିଛି ଭଲ ଖବର ଅଛି | ଜଣେ ଗ୍ରାହକ ଆମକୁ ବେଙ୍ଗାଲୁରୁରେ ଏକ ବଡ଼ ବିଦ୍ୟାଳୟ ସଜାଇବାକୁ କହିଛନ୍ତି |
ତାହା ଚମତ୍କାର ଅଟେ| ଆମେ ସେଠାରେ ଥିବାବେଳେ, ଆମେ କିଛି ଜନସାଧାରଣ କାନ୍ଥକୁ ମଧ୍ୟ ସଜାଇ ପାରିବା |


ସେମାନଙ୍କୁ ଅଧିକ ରୁ ଅଧିକ ପ୍ରକଳ୍ପ ମିଳିଲା ଏବଂ ତାଙ୍କ ପ୍ରକଳ୍ପ ବଢିବାକୁ ଲାଗିଲା.କିଛି ବର୍ଷ ଭିତରେ ସେମାନେ, 20 ଟି ସହର ରେ, ବସ୍ତି, କାରାଗାର, ରାସ୍ତା ଘାଟ,ବିଦ୍ୟାଳୟ, ସରକାରୀ ବେସରକାରୀ କାର୍ଯ୍ୟାଳୟ ର ସୌନ୍ଦର୍ଯ୍ୟ କରଣ କରି ପାରିଲେ..
ମୁଁ ବିଶ୍ୱାସ କରି ପାରୁନାହିଁ, ଆମର ଏଇ ଛୋଟିଆ କାର୍ଯ୍ୟ ଟି ଦିନେ ଆମ ସହର ରେ ଏତେ ପରିବର୍ତ୍ତନ ଆଣିବ.
ଯଦି ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସହର ପାଇଁ ଏମିତି କିଛି ଛୋଟ ଛୋଟ କାର୍ଯ୍ୟ କରିବାରେ ସହଯୋଗ କରନ୍ତି ତା ହେଲେ ଆମ ସମଗ୍ର ଦେଶ ପରିବର୍ତ୍ତନ ହୋଇ ଯିବ.



ଇସମାଇଲ ଖତ୍ରି
ସେଦିନ ଶାରଦା ଙ୍କ ର ଜନ୍ମ ଦିନ ଥିଲା ଏବଂ ସେ ଶ୍ରେଣୀ ର ପିଲାଙ୍କ ପାଇଁ ଗୋଟିଏ ଛୋଟ ମିଠା ପ୍ୟାକେଟ ଆଣିଥିଲେ.
ଜନ୍ମଦିନର ଅଭିନନ୍ଦନ, ଶାରଦା! ତୁମେ ବହୁତ ସୁନ୍ଦର କୁର୍ତ୍ତୀ ଟିଏ ପିନ୍ଧିଛ ଆଜି.
ଧନ୍ୟବାଦ
ତୁମେ ଜାଣିଛ, ଶାରଦା ଙ୍କ କୁର୍ତ୍ତୀ ରେ ଯେଉଁ କାରୁ କାର୍ଯ୍ୟ ହୋଇଛି ତାହା ଅଜ୍ରାଖ କଳା ନାମରେ ପରିଚିତ?
ଏହା ମନ କି ବାତ ର ଆଉ ଗୋଟିଏ କାହାଣୀ ସାର.
ତୁମେ ସମ୍ପୂର୍ଣ ଠିକ କହିଛ, ମୁଁ ଆଜି ସେଇ ବ୍ୟକ୍ତି ଙ୍କ ବିଷୟରେ କହିବି ଯିଏ ଅଜ୍ରାଖ କଳା କୁ ବିଲୀନ ହେବାରୁ ରକ୍ଷା କରିଥିଲେ.
ଏହା ଥିଲା 2001 ମସିହା. ଧମଡ଼କାର ଖାତ୍ରୀସ, ସେମାନଙ୍କର ସମ୍ପ୍ରଦାୟ ର ମୁଖ୍ୟ ଇସମାଇଲ ଖତ୍ରି ଙ୍କ ନିକଟକୁ ଯାଇଥିଲେ.
ଗତ ଦଶବର୍ଷ ଧରି ଗାଁ ର ଜଳ ସ୍ତର ଦ୍ରୁତ ଗତିରେ ହ୍ରାସ ପାଉଛି.
ଭୂମିକମ୍ପ ସହିତ ଗ୍ରାମବାସୀଙ୍କର ଜୀବିକା ବିପଦରେ.
ଚାଲନ୍ତୁ ସମସ୍ତେ ମିଶି ଅନ୍ୟ ଏକ ଗାଁକୁ ଯିବା.
ଇସମାଇଲ ଜାଣିଥିଲେ, ଧମଡ଼କାର ଙ୍କର କଥା ଟି ଉଚିତ କଥା.
କାରଣ ଅଜ୍ରାଖ ବ୍ଲକ ମୁଦ୍ରଣ ପାଇଁ ନିର୍ମଳ ଜଳ ର ଆବଶ୍ୟକ. ଆଉ ଅଜ୍ରାଖ ମୁଦ୍ରଣ ସେମାନଙ୍କର ପାରମ୍ପରିକ ଜୀବିକା ଥିଲା.
ସେଇ ଡିଜାଇନ ର ବ୍ୟବହୃତ ରଙ୍ଗ ଠାରୁ ଆରମ୍ଭ କରି ମୁଦ୍ରଣ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ସ୍ୱଚ୍ଛ ଜଳ ଉପରେ ନିର୍ଭର କରେ.

# ଇସମାଇଲ ଖତ୍ରି


ଇସମାଇଲ ସେମାନଙ୍କ ପାଇଁ ଉପଯୁକ୍ତ ସ୍ଥାନ ଖୋଜିବା ଆରମ୍ଭ କରିଲେ.
ସମ୍ପ୍ରଦାୟର ଆବଶ୍ୟକତାକୁ ଧ୍ୟାନରେ ରଖି ତାଙ୍କ ଚେଷ୍ଟା ରେ ଭୁଜ ନିକଟରେ ଗୋଟିଏ ସ୍ଥାନ ପାଇଥିଲେ, ପରେ ସେଇ ସ୍ଥାନର ନାମ ଅଜରାଖପୁର ରଖିଥିଲେ.
ଆମର କଳା ଏଠାରେ ବୃଦ୍ଧି ପାଇବ |
ସେମାନଙ୍କ ବ୍ୟବସାୟ ପାଇଁ ନୂତନ ଆରମ୍ଭ ଫଳପ୍ରଦ ହେଲା...
... କିନ୍ତୁ ଶୀଘ୍ର ନୂତନ ସମସ୍ୟା ଉପୁଜିଲା |
ଆଜି ତୁମ ବାପା କେଉଁଠାରେ ଅଛନ୍ତି?
ଇସମାଇଲ ଭାଇ, ଅବା ଘରେ ଅଛନ୍ତି | ଗତକାଲି କାମ ସାରି ତାଙ୍କୁ ନିଶ୍ୱାସ ନେବାରେ ଅସୁବିଧା ହୋଇଥିଲା।
ରାସାୟନିକ ରଙ୍ଗ କାରିଗରମାନଙ୍କ ମଧ୍ୟରେ ଆଲର୍ଜି ଏବଂ ଆଜମା ସୃଷ୍ଟି କରୁଛି | ଆମେ ସେମାନଙ୍କୁ କିପରି ବଦଳାଇ ପାରିବା?


ବହୁତ ଚିନ୍ତା କଲା ପରେ ପ୍ରକୃତି ରୁ ତାହାର ଉପାୟ ପାଇଥିଲେ ଖତ୍ରି.
ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରିଲେ.
ୱା! ଏହି ଲାଲ୍ ଏତେ ଉଜ୍ଜ୍ୱଳ ଦେଖାଯାଏ |
ଏହା ଏକ ଗଛର ମୂଳରୁ ଆସିଥାଏ, ତେଣୁ ଏହା ଆପଣଙ୍କୁ କୌଣସି ଦାଗ ସୃଷ୍ଟି କରିବ ନାହିଁ |
ଏହିପରି, ଜଣେ ବ୍ୟକ୍ତି ଏବଂ ତାଙ୍କ ସମ୍ପ୍ରଦାୟର ଉଦ୍ୟମ ଦ୍ୱାରା ଅଜ୍ରାଖ ମୁଦ୍ରଣର ମରିଯାଉଥିବା କଳା ରୂପ ପୁନର୍ଜୀବିତ ହେଲା |
ଆଜି ଆଜ୍ ରଖ ର ବହୁତ ଚାହିଦା ରହିଛି ଏବଂ କାରିଗରମାନେ ବିଭିନ୍ନ କପଡା ଏବଂ ଆଧୁନିକ ଶୈଳୀ ରେ ପରୀକ୍ଷା କରୁଛନ୍ତି |
ଏଇ କଳା ପୁନଃରୁଦ୍ଧାର ଏବଂ ଉତ୍ସାହିତ କରି ଥିବାରୁ ଖତ୍ରି ଙ୍କୁ 2003 ରେ ଲିସେଷ୍ଟର ର ଡି ମଣ୍ଟଫୋର୍ଟ ବିଶ୍ୱବିଦ୍ୟାଳୟ ରୁ ସମ୍ମାନଜନକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରା ଯାଇଥିଲା.
Doctor of Arts
ଡା ଇସମାଇଲ ଖତ୍ରି ଙ୍କ ପୁଅ ଏବଂ ନାତି ମାନେ ତାଙ୍କ ପରିବାର ରେ ଅଜ୍ରାଖ ବ୍ଲକ ପ୍ରିଣ୍ଟର ଏକାଦଶ ପିଢ଼ି ତାଙ୍କର କୁଳ ବେଉସା ର ଉତ୍ତରାଧିକାରୀ ଭାବରେ ପରିଚିତ ଆଜି.
ତାଙ୍କ କାର୍ଯ୍ୟ ଏକ ଜାତୀୟ ଯୋଗ୍ୟତା ପ୍ରମାଣପତ୍ର ଏବଂ ୟୁନେସ୍କୋର ଉତ୍କର୍ଷ ର ସିଲ ମଧ୍ୟ ପାଇଛି.

# ରାଜୁ



ନାୟାର ସାର ଏବଂ ତାଙ୍କର ଛାତ୍ର ମାନେ, ପ୍ରକୃତି ପଦଯାତ୍ରା କରିବାକୁ ଯାଉଥିଲେ.
ଆସ ଶ୍ରେୟସ, ପାହାଡ଼ ର ଶୀର୍ଷ ରେ ମଧ୍ୟାହ୍ନ ଭୋଜନ କରିବାକୁ ଇଛା ନାହିଁ କି?
ସାର ମୋ ଗୋଡ ବଥା ହେଉଛି. ସେମାନେ ଚଢ଼ିବାକୁ ମନା କରିଛନ୍ତି.
ପ୍ରକୃତ ରେ ସାର ମୋ ଗୋଡ ମୋ କଥା ଶୁଣୁ ନାହିଁ.
ତା ହେଲେ ଆମେ କିଛି ସମୟ ପାଇଁ ରେଷ୍ଟ କରିବା ଯେତେବେଳେ, ମୁଁ ତୁମ ମାନଙ୍କୁ ପଠାନକୋଟ ର ସେ ବାଳକ ରାଜୁ ର କଥା କହିବି.
ରାଜୁ ଏକ ଶିଶୁ ଥିବାବେଳେ ପୋଲିଓରେ ଆକ୍ରାନ୍ତ ହୋଇଥିଲେ।
ମୋର ଗରିବ ପିଲା! ସେ କଦାପି ଚାଲିବାକୁ ସମର୍ଥ ହେବେ ନାହିଁ।
ଆମେ ଯଥାସମ୍ଭବ ତାଙ୍କ ଯତ୍ନ ନେବୁ।
ରାଜୁ ଙ୍କର ଦୁଇ ବଡ ଭାଇ ଥିଲେ.
ରାଜୁଙ୍କୁ ଯେତେବେଳେ 10 ବର୍ଷ ବୟସ ସେତେବେଳେ ସେ ପିତା ମାତା ଙ୍କୁ ହରେଇ ଥିଲେ.
ଯତ୍ନ ନେବ ନିଜେ, ରାଜୁ ଆମେ ଯାଉଛୁ କାମ କରିବାକୁ।
ରାଜୁ ନିଜକୁ ଅତ୍ୟନ୍ତ ଅସହାୟ ଏବଂ ଅପଦାର୍ଥ ଭାବୁଥିଲେ. ମୁଁ ଚାହେଁ ମୁଁ କିଛି କାମ କରିପାରିବି।
ତେଣୁ-
ସେ କହୁଥିଲେ ମୁଁ ଟେବୁଲ ସଫା କରିବି ଏବଂ ଚଟାଣ ସଫା କରିବି
ନା ନା! ତୁମେ ଚାଲି ପାରିବ ନାହିଁ। ତୁମେ କେବଳ ଏକ ବୋଝ ହେବ।


ଶେଷରେ ରାଜୁ ନିରାଶ ଓ ହତାଶ ହୋଇ ରାସ୍ତା ରେ ଭିକ ମାଗିବାକୁ ବାଧ୍ୟ ହୋଇଥିଲେ.
ମୋର ଭାଇମାନଙ୍କର ପରିବାର ଅଛି କିନ୍ତୁ ମୁଁ ସେମାନଙ୍କ ପାଇଁ ବୋଝ ହୋଇପାରିବି ନାହିଁ। ଜୀବନ ମୋତେ ପରାସ୍ତ କରିବାକୁ ଦେଇପାରେ ନାହିଁ ।
ରାଜୁ ଜଣେ ସାହେବ ଙ୍କୁ ଗୋଟିଏ ଟଙ୍କା ମାଗି ଥିଲେ.
ଏଇଠି ଅଛ ତୁମେ।
ରାଜୁ ଧଙ୍ଗୁ ରୋଡ ରେ ବସି ଭିକ୍ଷା ମାଗୁ ଥିଲେ. ତାଙ୍କର ଉତ୍ତମ ସ୍ବଭାବ ପାଇଁ ଲୋକ ମାନେ ତାଙ୍କୁ ଭଲ ପାଇଲେ ଏବଂ ତାଙ୍କ ପ୍ରତି ଦାନଶୀଳ ହେଲେ.
ରାଜୁ ଦିନରେ 500 ଟଙ୍କା ରୁ 700 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିଲେ. ମୁଁ ଦିନରେ 700 ଟଙ୍କା ରୋଜଗାର କରୁଛି, ମୋର ନିଜ ପାଇଁ 200 ଟଙ୍କା ଦରକାର ହେଉଛି. ବାକି ଟଙ୍କା ସଂଚୟ କରି ଅନ୍ୟ ମାନଙ୍କୁ ସାହାଯ୍ୟ କରିବି.
ଏଇ ଭାବନାରେ ଦୃଢ଼ ରହି ସେ ତାଙ୍କ ରି ଭଳି ଆବଶ୍ୟକ କରୁଥିବା ଲୋକ ମାନଙ୍କୁ ସାହାଯ୍ୟ କରିବାପାଇଁ ଆରମ୍ଭ କରିଲେ.
ତାଙ୍କର ଦାନ କରିବାର କଥା ଶୁଣି ଜଣେ ଆସି କହିଥିଲେ, ତାଙ୍କର ଝିଅ ବାହାଘର ପାଇଁ ସାହାଯ୍ୟ କରିବାକୁ.
ତୁମର ଆବଶ୍ୟକତା ମୋତେ କୁହ ଏବଂ ମୁଁ ତୁମ ଝିଅକୁ ତାଙ୍କ ଦାମ୍ପତ୍ୟ ଜୀବନରେ ଭଲ ଆରମ୍ଭ କରିବା ପାଇଁ ଯାହା କରିପାରିବି ତାହା କରିବି ।
ରାଜୁ ତାଙ୍କ ଝିଅ ବାହାଘର ପାଇଁ 1100 ଟଙ୍କା ଏବଂ 50 କିଲୋ ଚାଉଳ ଏବଂ ଗୋଟିଏ ସିଲିଂ ଫ୍ୟାନ ଦେଇଥିଲେ.


ରାଜୁ କେବଳ ବିବାହ ରେ ସାହାଯ୍ୟ କରି ନଥିଲେ, ବରଂ କୋଭିଡ ସମୟରେ 2500 ମାସ୍କ ବିତରଣ କରି ଥିଲେ.
ତୁମେମାନେ ମାସ୍କ ବିନା ବୁଲିବ ନାହିଁ | ଏଠାରେ, ମୋ ଠାରୁ ଗୋଟିଏ ନିଅ| ତୁମେମାନେ ବେମାର ହେବାକୁ ଚାହଁ ନାହିଁ
ଧନ୍ୟବାଦ, ରାଜୁ!


ଯେତେବେଳେ ଧଙ୍ଗୁ ରୋଡରେ ଥିବା ଏକ ସେତୁ ନଷ୍ଟ ହୋଇଗଲା, ରାଜୁ ଏହାକୁ ମରାମତି କଲେ |
ସେତୁ ମରାମତି କରିବାରେ ଆମକୁ ସାହାଯ୍ୟ କରିବାକୁ ରାଜୁଙ୍କୁ ତାଙ୍କ ସଞ୍ଚୟରୁ 30,000 ଟଙ୍କା ଦେଇଥିବାରୁ ଆମେ କୃତଜ୍ଞ।


ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ରେଡ଼ିଓ ପ୍ରୋଗ୍ରାମ ରେ ରାଜୁଙ୍କ ବିଷୟରେ କହିଥିଲେ ଏବଂ ତାଙ୍କର ଏତାଦୃଶ ମହତ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ. ପ୍ରଧାନ ମନ୍ତ୍ରୀ ଙ୍କ ପ୍ରୋଗ୍ରାମ ଶୁଣି ବହୁତ ପର୍ଯ୍ୟଟକ ରାଜୁ କୁ ଦେଖା କରିବାକୁ ଆସିଥିଲେ.
ରାଜୁ ଙ୍କର କାର୍ଯ୍ୟ ଅନେକ ଙ୍କୁ ପ୍ରେରଣା ଯୋଗାଇଛି.
ଆମକୁ ଏପରି ସମର୍ଥନ କରିଥିବାରୁ ଆମେ ସର୍ବଦା ଆପଣଙ୍କୁ କୃତଜ୍ଞ କରିବୁ |


ପ୍ରତ୍ୟେକ ମଣିଷ ଚାହିଁଲେ କିଛି ନା କିଛି ମହତ କାର୍ଯ୍ୟ କରି ପାରିବେ, ସେଥିପାଇଁ ଛୋଟ କି ବଡ ର ଆବଶ୍ୟକ ନାହିଁ.


ନଗୁରାଙ୍ଗ ମୀନା
ଗୁରମିତ, ତୁମେ ଗପବହି ପଢୁଛ କି? ଏ ବହି ତୁମର ପାଠ୍ୟ ପୁସ୍ତକ ଭଳି ଲାଗୁନାହିଁ ତ?
ଦୁଃଖିତ ସାର୍, ଆପଣ ଙ୍କ ଆସିବା ଯାଏ ମୁଁ ପାଠାଗାର ର ବହି ପଢୁଥିଲି.
ତୁମେ ପାଠାଗାର ର ବହି ପଢୁଥିଲ, ସେକଥା ଶୁଣି ମୁଁ ବହୁତ ଖୁସି. ଆଜିକାର ମନ କି ବାତ ର କାହାଣୀ ର ପାଠାଗାର ସହିତ ଅନେକ ସାମଞ୍ଜସ୍ୟ ଅଛି.
ଆମକୁ କାହାଣୀ ଶୁଣାନ୍ତୁ ସାର.
ନଗୁରାଙ୍ଗ ମୀନା, ଅରୁଣାଚଳ ପ୍ରଦେଶର ନିର୍ଜୁଲିରେ ସ୍ଥିତ ରେଓ ନାମ୍ନୀ ଏକ ଗାଁର ସରକାରୀ ବିଦ୍ୟାଳୟର ଶିକ୍ଷକ.
ଶିକ୍ଷା ର କାରଣ ଏବଂ ମହିଳା ସଶକ୍ତିକରଣ ବିଷୟରେ ମୀନା ଗଭୀର ଭାବରେ ଆଗ୍ରହୀ ଥିଲେ.2014 ରେ ସେ ନଗୁରାଙ୍ଗ ଲର୍ନିଙ୍ଗ ଇନଷ୍ଟିଟିଉଟ ନାମରେ ଏକ ଏନଜିଓ ଆରମ୍ଭ କରିଥିଲେ.
ମୁଁ ଅଳ୍ପ ବୟସରେ ବିବାହ କରିଥିଲି | ବର୍ତ୍ତମାନ ମୋ ସ୍ୱାମୀ ମରିଗଲେ, ମୁଁ କିପରି ଏକାକୀ ଆମ ପରିବାରର ଯତ୍ନ ନେବି?
ମୀନା ତାଙ୍କୁ ସାହାଯ୍ୟ କରିବାର ଆଶ୍ୱାସନା ଦେଇଥିଲେ.
ଏନଜିଓ ମାଧ୍ୟମ ରେ ସେ ଅନେକ ମହିଳା ଙ୍କୁ ସାହାଯ୍ୟ କରିଥିଲେ. ବାଧ୍ୟତା ମୂଳକ ବିବାହ, ବାଲ୍ୟ ବିବାହ, ବହୁ ବିବାହ ଭଳି ସମାଜ ର ଅନ୍ୟାୟ ପରମ୍ପରା ଯୋଗୁ ଅସୁବିଧା ରେ ସମ୍ମୁଖୀନ ହେଉ ଥିବା ମହିଳା ମାନଙ୍କୁ ସାହାଯ୍ୟ କରୁ ଥିଲେ.

# ନଗୁରାଙ୍ଗ ମୀନା



କୋଭିଡ ୧୨ ର ଲକଡାଉନ ସମୟର କଥା. ମୀନା ତାଙ୍କର ଜଣେ ବନ୍ଧୁ ଦିୱାଙ୍ଗ ଙ୍କ ସହିତ ଗପ ସପ କରୁଥିଲେ.
ପିଲାମାନେ ଅଧିକ ପଢ଼ା ପଢ଼ି କରିବାର ଏଇଟା ଉପଯୁକ୍ତ ସମୟ. କିନ୍ତୁ ଆମ ସହର ରେ ଗୋଟିଏ ପାଠାଗାର ନାହିଁ.
କେମିତି ଅଧିକ୍ ବହି ପିଲା ମାନଙ୍କ ପାଇଁ ଯୋଗେଇ ପାରିବେ ସେ ବିଷୟରେ ଆଲୋଚନା କରିଲେ.
କିଛି ସମୟ ପରେ -
ତା ପରେ ତାଙ୍କର ଆଇଜାୱଲ ର ରାସ୍ତା କଡ଼ ରେ ଥିବା ଏକ ଛୋଟ ପାଠାଗାର କଥା ମନେ ପଡିଲା.ଦୁହେଁ ଆଲୋଚନା କରିଲେ.
ହଁ, ଏହା ବିଷୟରେ କ'ଣ?
ଭାବିଲେ ଯଦି ସେମାନେ ଗୋଟିଏ ଏଇ ଭଳି ଷ୍ଟ୍ରିଟ ପାଠାଗାର ଗଠନ କରି ପାରିବେ, ତା ହେଲେ ସମସ୍ତ ବହି ଗୁଡିକ ନେଇ ପଢ଼ି ପୁଣି ଫେରେଇ ଦେଇ ଯିବେ.
ତାହା ଉଜ୍ଜ୍ୱଳ!
ଏଇ ପରି ଆଲୋଚନା ରୁ ସ୍ୱୟଂ ସହାୟକ ପାଠାଗାର ସ୍ଥାପନା କରିବାର ଯୋଜନା ଆରମ୍ଭ ହେଇଥିଲା.
ସେଇଟା କଣ?
ଟିକିଏ ବହି ସେଲଫ ପରି ଦେଖାଯାଉଛି | ଏହା କାହିଁକି ରାସ୍ତାର ପାର୍ଶ୍ୱରେ ଅଛି?
ଆମେ ଦୟାକରି ଏହାକୁ ଦେଖିବା ପାଇଁ ଯାଇପାରିବା କି?
ଲକଡାଉନ ଶେଷ ହେଲା ବେଳକୁ ପାଠାଗାର ଟି ଲୋକ ମାନଙ୍କ ପାଖରେ ପ୍ରସିଦ୍ଧି ଲାଭ କରି ସାରିଥିଲା
ଗୋଟିଏ ସ୍ଥାନ ରେ ଏକାଠି ଗୁଡ଼ିଏ ପିଲା ବସି ପୁସ୍ତକ ପଢ଼ିବାର ଦୃଶ୍ୟ ବି ବହୁତ ସୁନ୍ଦର ଲାଗୁଥିଲା.
ସେଇ ପାଠାଗାର ରେ ସବୁ ଶ୍ରେଣୀ ର ଲୋକ ମାନଙ୍କ ରୁଚି ଅନୁସାରେ ପୁସ୍ତକ ରହୁଥିଲା.
ଆଉ ସେଠୁ ବହି ନେଇ ପଢ଼ିବା ପାଇଁ କୌଣସି ପ୍ରକାର ପାଉଣା ଦେବାକୁ ପଡ଼ୁ ନଥିଲା.


ଯଦି କେହି ପୁସ୍ତକ ନେଇ ନ ଫେରାନ୍ତି, ତା ହେଲେ କଣ ହେବ?
ସବୁ ଠିକ ଅଛି | ସର୍ବଶେଷରେ, ସେମାନେ ଏଥିରୁ ଉପକୃତ ହେଉଛନ୍ତି | ଆମେ କାହିଁକି ଏହି ପଦକ୍ଷେପ ଆରମ୍ଭ କଲୁ ନାହିଁ?
ଏହା ଏକ ଉଦାର ଚିନ୍ତା ଧାରା.
ଏବେ ପାଠାଗାର ଟିରେ ଅଧିକା ପୁସ୍ତକ ରଖିବା ପାଇଁ, ସେମାନଙ୍କୁ ଟଙ୍କା ଏବଂ ପାଣ୍ଠି ମିଳି ଯାଉଛି
ମୀନା, ଏଠାରେ ମୋର ପିଲାମାନଙ୍କର ପୁରୁଣା ପୁସ୍ତକ ଅଛି | ମୁଁ ସେଗୁଡ଼ିକୁ ତୁମ ଲାଇବ୍ରେରୀକୁ ଦାନ କରିବାକୁ ଚାହେଁ |
ଧନ୍ୟବାଦ ମହାଶୟ!
ଲାଇବ୍ରେରୀଗୁଡ଼ିକ ପାଇଁ ଅଧିକ ପୁସ୍ତକ କିଣିବା ପାଇଁ ସେମାନେ ଟଙ୍କା ଏବଂ ପାଣ୍ଠି ମଧ୍ୟ ପାଇଛନ୍ତି |
ମୀନା ବିଶ୍ୱାସ କରନ୍ତି ଯେ ଏକ ପଠନ ସଂସ୍କୃତି ଲୋକମାନଙ୍କ ମଧ୍ୟରେ ସାକ୍ଷରତାକୁ ପ୍ରୋତ୍ସାହିତ କରିବ ଏବଂ ଛାତ୍ରମାନଙ୍କୁ ଭଲ କରିବାକୁ ଉତ୍ସାହିତ କରିବ |
କେବଳ ସରକାର ନୁହଁନ୍ତି, ଆମେ ଆମ ଦେଶ ତଥା ରାଜ୍ୟ ର ନାଗରିକ ହିସାବରେ ପ୍ରତ୍ୟେକ ଲୋକଙ୍କୁ, ଜାଣିବା ଦରକାର, କେଉଁ କେଉଁ ଜାଗାରେ ଆମେ ପଛୁଆ ହୋଇ ରହିଛୁ. ଆଉ ପ୍ରତ୍ୟେକ ଲୋକ ଚାହିଁଲେ କୌଣସି ଛୋଟ କାର୍ଯ୍ୟ ଟିଏ ଆରମ୍ଭ କରି ପାରିଲେ ସେ ଭବିଷ୍ୟତ ରେ ଦିନେ ବିଶାଳ ହୋଇ ଠିଆ ହେବ.ତେଣୁ ଦୋଷ ନ ଦେଇ କାର୍ଯ୍ୟ କରିବାର ମନୋଭାବ ରଖିଲେ, ଆମେ ଆମ ରାଜ୍ୟ ର କିଛି ଉର୍ନ୍ନତି କରି ପାରିବା.
0·35/4:13
ମୀନା ସାରା ରାଜ୍ୟରେ ଅଧିକ ରୁ ଅଧିକା ପାଠାଗାର ଖୋଲିବା ପାଇଁ ଚେଷ୍ଟା କରୁଛନ୍ତି. ତାଙ୍କ ର ଏଇ ଚେଷ୍ଟା ଅନେକ ଙ୍କୁ ପ୍ରେରଣା ଯୋଗାଇଛି.


ପନ ମାରିଆପାନ
ତୁମର ନୂଆ କେଶ କଟା ରେ, ତୁମେ ବହୁତ ସ୍ମାର୍ଟ ଲାଗୁଛ.
ସୁଜିତ ହସିଲା, କହିଲା ସାର, ଏଇଟା ସର୍ବ ଶେଷ ଶୈଳୀ ମୋର.
ସାର, ସୁଜିତ ସିନେମା ଷ୍ଟାର ଙ୍କ ଭଳି ଦେଖା ଯିବାକୁ ଚେଷ୍ଟା କରୁଛି.
ଯଦି ଆପଣ ପନ ମାରିଆପ୍ପାନ ର ସେଲୁନ କୁ ଯାଇଥାନ୍ତେ, ତା ହେଲେ ସେ ଆପଣ ଙ୍କୁ ଭଲ ପୁସ୍ତକ ସାଙ୍ଗରେ ଭଲ ଶୈଳୀ ରେ ଆପଣ ଙ୍କ କେଶ କାଟି ଥାନ୍ତେ. ଆମ ପ୍ରଧାନ ମନ୍ତ୍ରୀ, ତାଙ୍କ ମନ କି ବାତ ରେ ତାଙ୍କ କାହାଣୀ କହିଲା ପରେ ସେ ପ୍ରସିଦ୍ଧ ହୋଇ ଛନ୍ତି.
ପନ ମାରିଆପ୍ପନ ତାମିଲନାଡୁ ର ଥୋଥୁକୁଡି ସହର ର ବାସିନ୍ଦା ଅଟନ୍ତି. ଯେତେବେଳେ ସେ ଅଷ୍ଟମ ଶ୍ରେଣୀ ରେ ପଢୁଥିଲେ -
ପୁଅ, ତୁମେ କିଛି ରୋଜଗାର କରିବା ଆବଶ୍ୟକ. ମୋ ରୋଜଗାର ରେ ପରିବାର ଚଲେଇବା କଷ୍ଟ ହେଉଛି.
ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ. ମୁଁ କିଛି କରିବି.
ମୁଁ ପାଠ ପଢିବାକୁ ଚାହେଁ.କିନ୍ତୁ ମୋତେ ପରିବାର ପାଇଁ ବାପାଙ୍କୁ ସାହାଯ୍ୟ କରିବାକୁ ପଡିବ.
ତା ପରେ ମାରିଆପାନ ଗୋଟିଏ ସେଲୁନ ଆରମ୍ଭ କରି ଭଲ ରୋଜଗାର କରିବାକୁ ଲାଗିଲେ.
ଯେହେତୁ ତାଙ୍କର ଟିକେ ଉଚ୍ଚ ଆଶା ଥିଲା, ସେ ନିଜ ସେଲୁନ ଟିରେ କିଛି ଅଲଗା, କିଛି ସ୍ପେସିଆଲ କରିବାକୁ ଚାହୁଁଥିଲେ.




ତିରୁକ୍କୁରାଇ ପୁସ୍ତକ ଥିରୁଭାଲୁଭର ଙ୍କ ଦ୍ୱାରା ଲିଖିତ ଏକ ତାମିଲ ଶାସ୍ତ୍ର.


କଲମାନେ କାମେଗୌଡ଼ା
ବିଦ୍ୟାଳୟ ର ରିସେସ ଥିଲା.
ଲକ୍ଷ୍ମୀ, ତୁମ କଣ କରୁଛ?
ଯେହେତୁ ବହୁତ ଗରମ ପଡିଛି, ପାରା ମାନେ ଶୋଷିଲା ଥିବେ, ତାଙ୍କ ପାଇଁ ପାଣି ରଖୁଛି.
ପାରୁଲ ସାହାଯ୍ୟ କରିବାକୁ ସ୍ଥିର କଲେ ଏବଂ ଶୀଘ୍ର, ଏକ ଛୋଟ ଗୋଷ୍ଠୀ | ଛାତ୍ରମାନେ ସବୁ ସ୍ଥାନରେ ପାଣି ପାତ୍ର ରଖୁଥିଲେ |
ଏଠାରେ କଣ କରୁଛ?
ଆମେ ପକ୍ଷୀ ମାନଙ୍କ ପାଇଁ ପାଣି ପିଇ ବାର ବ୍ୟବସ୍ଥା କରୁଛୁ.
ଏଇ ପ୍ରବଳ ଉତ୍ତାପ ରେ ସେମାନେ ତୃଷାର୍ତ୍ତ ଥିଲା ଭଳି ମନେ ହେଉଛନ୍ତି. ଏତିକି ଛଡା ଆମେ ସେମାନଙ୍କ ପାଇଁ ଆଉ କିଛି କରି ପାରିବୁ ନାହିଁ.
ସାର କହିଲେ ଏହା ଏକ ସୁନ୍ଦର ମନୋଭାବ ଲକ୍ଷ୍ମୀ. ଯଦି ଆମେ ଲୋକମାନେ ଚାହିଁବା, ତା ହେଲେ ଏଇ ପଶୁ ପକ୍ଷୀ ମାନଙ୍କ ପାଇଁ ବହୁତ କିଛି କରି ପାରିବା.
କଲମନେ କାମେଗୌଡା ଜଣେ ମେଷ ପାଳକ ଥିଲେ. ସେ କର୍ଣ୍ଣାଟକ ର ମାଣ୍ଡ୍ୟା ଜିଲ୍ଲାର ଦସାନାଡୋଡି ଗ୍ରାମ ରେ ରହୁଥିଲେ.
ଆସ, ଶାନ୍ତି! ତୁମେ ସବୁଥର ପରି ପଛରେ ଅଛ


ସେ ସବୁଦିନ କୁନ୍ଦୁରୁ ବେଟା ପାହାଡ଼ ଚାରିପାଖରେ ନିଜର ମେଣ୍ଢା ଚରାଉ ଥିଲେ.
ସେଦିନ ଏତେ ଗରମ ଥିଲା ଯେ, କୋଉଠି ପାଣି ବୁନ୍ଦା ଟିଏ ନଥିଲା.
ଠିକ୍ ସେତିକିବେଳେ -
ମୁଁ ମୋ ଗାଁ କୁ ଯାଇ ସେଠାରେ ପାଣି ପିଇ ପାରିବି ଏବଂ ମୋ ମେଣ୍ଢା ମାନେ ପିଇ ପାରିବେ. କିନ୍ତୁ ଏଠି ଯେଉଁ ପ୍ରାଣୀ ମାନେ ଅଛନ୍ତି ତାଙ୍କର ଅବସ୍ଥା କଣ ହେବ?
ଏଇ ଚିନ୍ତା ତାଙ୍କ ମୁଣ୍ଡରେ ବହୁତ ଦିନ ଯାଏ ଚାଲିଲା.
ତା ପରେ ସେ ଗୋଟେ ବଡ ଗାତ ଖୋଳି ସେଥିରେ ପାଣି ଭରିଲେ,
କିନ୍ତୁ ସେ ଯେତେ ଗର୍ତ୍ତ ପୂରଣ କଲେ ମଧ୍ୟ କିଛି ଘଣ୍ଟା ମଧ୍ୟରେ ଜଳ ବାଷ୍ପୀଭୂତ ହୋଇ ପୃଥିବୀକୁ ଚାଲିଗଲା |
ବହୁତ ଚିନ୍ତା କରିଲା ପରେ
ସେ ଗୋଟିଏ ପୋଖରୀ ଖୋଳିବା ପାଇଁ ସ୍ଥିର କରିଲେ. କିନ୍ତୁ ତାଙ୍କ ପାଖରେ ସମ୍ବଳ ନଥିଲା.ବାଧ୍ୟ ହୋଇ ତାଙ୍କର ପ୍ରିୟ ମେଣ୍ଢା ମାନଙ୍କ ଭିତରୁ କେତେ ଜଣଙ୍କୁ ବିକ୍ରି କରି ପୋଖରୀ ଖୋଳି ବାର ଉପକରଣ କିଣିଲେ,
ଗୋଟିଏ ଉର୍ବର ଜାଗା ଦେଖି ପୋଖରୀ ଖୋଳିବା ଆରମ୍ଭ କରିଲେ.
15 ଦିନ ଖୋଳି ସାରିଲା ପରେ ମଧ୍ୟ ପାଣି ପାଖରେ ପହଞ୍ଚି ପାରିଲେ ନାହିଁ. ଶେଷରେ ଆଉ କିଛି ମେଣ୍ଢା ବିକ୍ରି କରି ଏକ ଜେସିବି ଭଡ଼ା ରେ ନେଇ ପୋଖରୀ ଖୋଳି ପାରିଲେ.

# କଲମାନ କାମେ ଗୋଡ଼ା


ମାସ ମାସର ଅପେକ୍ଷା ପରେ
ଟା ପରେ ମୌସୁମୀ କୁ ଅପେକ୍ଷା କରି ରହିଲେ, ବର୍ଷା ହେଲେ ପୋଖରୀ ଟି ଜଳ ପୂର୍ଣ୍ଣ ହୋଇ ପାରିବ. ଶେଷରେ ବର୍ଷା ଦେବତା ଙ୍କ ଆଶୀର୍ବାଦ ରୁ ପୋଖରୀ ଟି ଜଳ ପୂର୍ଣ୍ଣ ହୋଇଗଲା.
ଏବଂ ଶୀଘ୍ର ଯଥେଷ୍ଟ -
ମୁଁ ମୋ ଆଖିକୁ ବିଶ୍ୱାସ କରିପାରିବି ନାହିଁ ତୁମେ ସୁନ୍ଦର୍ ପ୍ରାଣୀ ମାନଙ୍କ ପ୍ରାନ କରିବା ପାଇଁ
ସେଇ ପୋଖରୀ ରୁ ଗୋରୁ, ମେଣ୍ଢା, ଛେଳି, ଏପରିକି ବନ୍ୟଜନ୍ତୁ ମାନେ ପାଣି ପିଇ ବାକୁ ଲାଗିଲେ.
ଏହା କେବଳ ଆରମ୍ଭ ଥିଲା. ପରବର୍ତ୍ତୀ 40 ବର୍ଷ ମଧ୍ୟରେ କାମେଗୌଡା 16 ଟି ପୋଖରୀ ନିର୍ମାଣ କରିଥିଲେ, 15 ଲକ୍ଷ ରୁ ଅଧିକ ଟଙ୍କା ଖର୍ଚ୍ଚ କରି. ସେ କର୍ଣ୍ଣାଟକ ର ପୋଖରୀ ମଣିଷ ଭାବରେ ପରିଚିତ ଥିଲେ.
ମୁଁ ଜଣେ ସାମ୍ବାଦିକ ଏବଂ ମୁଁ ତୁମର କାହାଣୀ ଜାଣିବାକୁ ଚାହେଁ | ମୋତେ କୁହ ଏହି ପୋଖରୀଗୁଡ଼ିକ ବିଷୟରେ କ'ଣ ବିଶେଷ?
ପୋଖରୀ ଗୁଡିକ ପରସ୍ପର ସହିତ ସଂଯୁକ୍ତ ହୋଇ ଅଛନ୍ତି. ପାହାଡ଼ ରୁ ପାଣି ପ୍ରବାହିତ ହୋଇ ପୋଖରୀ ଗୁଡିକ ପୂର୍ଣ୍ଣ ହୁଅନ୍ତି. ଯଦି ଗୋଟିଏ ପୋଖରୀ ପୂର୍ଣ୍ଣ ହୋଇଯାଏ, ବାକି ପାଣି ତକ ଅନ୍ୟ ପୋଖରୀ କୁ ପ୍ରବାହିତ ହୋଇଯାଏ. ସେଥିପାଇଁ ଗ୍ରୀଷ୍ମ ଋତୁ ରେ ମଧ୍ୟ ସେମାନେ ଶୁଷ୍କ ହୁଅନ୍ତି ନାହିଁ.
ପୋଖରୀ ନିର୍ମାଣ ସହିତ କାମେଗୌଡା, ହଜାର ହଜାର ଗଛ ଏବଂ କଦଳୀ ବଗିଚା କରି ପାହାଡକୁ ସମ୍ପୂର୍ଣ୍ଣ ସବୁଜ ସୁନ୍ଦର କରିଥିଲେ.
ତାଙ୍କର ଏଇ ଉଲ୍ଲେଖନୀୟ କାର୍ଯ୍ୟ ଯୋଗୁ ସେ ବାସାଭାଶ୍ରୀ ପୁରସ୍କାର ଏବଂ କର୍ଣ୍ଣାଟକ ରାଜୋତ୍ସବ ପୁରସ୍କାର ସହିତ ଅନେକ ପୁରସ୍କାର ପାଇଛନ୍ତି.
ପୁରସ୍କାର ରାଶୀ ରେ ସେ ଆଉରି ଅଧିକା ପୋଖରୀ ନିର୍ମାଣ ଏବଂ ଗଛ ଲଗେଇବାର ଯୋଜନା କରି ଥିଲେ.
ଅକଟୋବର 2022 ରେ 84 ବର୍ଷ ବୟସ ରେ ତାଙ୍କର ଦେହାନ୍ତ ହୋଇ ଥିଲା. ତାଙ୍କର ଶେଷ କାଳ ପର୍ଯ୍ୟନ୍ତ ସେ ତାଙ୍କ କାର୍ଯ୍ୟ ଜାରି ରଖିଥିଲେ. ମାଣ୍ଡ୍ୟା ର ଏକ ଛୋଟ ଗାଁ ର ଏହି ବ୍ୟକ୍ତି ଙ୍କ କାହାଣୀ ସାରା ଦେଶ ରେ ପ୍ରଚାରିତ ଏବଂ ଅନେକ ଙ୍କର ପ୍ରେରଣା ର ଉତ୍ସ ପାଲଟିଛି.

# ପ୍ରଦୀପ ସାଙ୍ଗୱାନ
















* ହିମାଚଳ ପ୍ରଦେଶ ର ଏକ ପ୍ରସିଦ୍ଧ ହ୍ରଦ.

* ମୁଖ୍ୟତଃ ହିମାଚଳ ପ୍ରଦେଶ ଏବଂ ଏହାର ଆଖ ପାଖରେ ବାସ କରୁଥିବା ଏକ ଅର୍ଦ୍ଧ ଧର୍ମ ଯାଜକ ଗୋଷ୍ଠୀ.

# ପ୍ରଦୀପ ସାଙ୍ଗୱାନ


ପ୍ରଦୀପ ସେମାନଙ୍କ ଶୈଳୀ ରେ ଅନୁପ୍ରାଣିତ ହୋଇ, ସାଙ୍ଗ ମାନଙ୍କୁ ଏକତ୍ରିତ କରିଥିଲେ, ସେଇ ବିଷୟରେ ଆଲୋଚନା କରିବା ପାଇଁ.
ପର୍ଯ୍ୟଟକ ମାନେ ଦାୟିତ୍ୱହୀନ ଭାବରେ ନାନା ପ୍ରକାର ଆବର୍ଜନା ଛାଡି ଦେଉଥିଲେ.
ପ୍ଲାଷ୍ଟିକ୍ ର ଟ୍ରେଲ୍ ଅନୁସରଣ କରି କେବଳ ଜଣେ ଟୁରିଷ୍ଟ ସ୍ପଟ୍ ପହଞ୍ଚି ପାରିବେ |
ଯଦି ଭଙ୍ଗା କାଚ ଖଣ୍ଡ ରେ କୌଣସି ପଶୁ ପାଦ ଦେଇ ଦିଏ, ବା ଭଙ୍ଗା କାଚ ଖଣ୍ଡ ଖାଇ ଦିଏ, କଣ ହେବ ତାର ଅବସ୍ଥା?
ପରିବର୍ତ୍ତନକୁ ଅପେକ୍ଷା କରି କାହିଁକି ବସିଥା'ନ୍ତି, ଯେତେବେଳେ ଆମେ ଏହାର ନେତୃତ୍ୱ ନେବା ପାଇଁ ସ୍ୱୟମ ବାହାରି ପରିବା
ପ୍ରଦୀପ ଆରୋଗ୍ୟ ହିମାଳୟ ନାମ କ ଏକ ସଂଗଠନ ପ୍ରତିଷ୍ଠା କରି ଥିଲେ, ଏବଂ କ୍ଲିନ ଅପ ଡ୍ରାଇଭ ଆୟୋଜନ କରିବା ଆରମ୍ଭ କରିଥିଲେ.
ପର୍ଯ୍ୟଟକ ମାନେ ଆସୁଥିବା ପର୍ଯ୍ୟଟନ ସ୍ଥାନ ଗୁଡିକ ଉପରେ ସେମାନେ ଧ୍ୟାନ ରଖୁଥିଲେ. ମନାଲି ର ପ୍ରସିଦ୍ଧ ଜଳପ୍ରପାତ ଯୋଗିନି ଜଳ ପ୍ରପାତ କୁ ସଫା କରିଥିଲେ.

# ମନ କି ବାତ


ହତାଶ ଦିନ ଥିଲା ...
ସାରାଜୀବନ ଲାଗିଯିବ ସଫା କରିବାରେ.
... କିନ୍ତୁ ପ୍ରଦୀପ ଏବଂ ତାଙ୍କ ଦଳ ହାର ମାନିବାକୁ ମନା କରିଦେଇଥିଲେ
ଯେତେବେଳେ ଆମେ ଏକାଠି କାମ କରିବା, ମୁଁ ଟନେଲର ଶେଷରେ ଆଲୋକ ଦେଖେ ।
ମୁଁ ଅନ୍ୟ ଏକ ବ୍ୟାଗ୍, ନେବି ।
ସମ୍ପ୍ରଦାୟ ର ସହଯୋଗ ରେ ସେମାନେ ହିମାଳୟ ଅଞ୍ଚଳ ର ଗ୍ରାମ ଗୁଡ଼ିକରେ ବର୍ଯ୍ୟବସ୍ତୁ ପରିଚାଳନା କେନ୍ଦ୍ର ସ୍ଥାପନା କରିଲେ.
କେବଳ ବର୍ଯ୍ୟବସ୍ତୁ ନିଷ୍କାସନ, ଗୋଟିଏ କାମ ନୁହେଁ, ସେମାନେ ସ୍ଥାନୀୟ ଲୋକଙ୍କ ପାଇଁ ଚାକିରୀ ମଧ୍ୟ ଯୋଗାଉ ଥିଲେ.ଏହି ପରି ଅଧିକ କେନ୍ଦ୍ର ସ୍ଥାପନା କରିବାକୁ ପ୍ରଦୀପ ଯୋଜନା ରଖିଛନ୍ତି.
ଏହିପରି ଅଧିକ କେନ୍ଦ୍ର ସ୍ଥାପନ କରିବାକୁ ପ୍ରଦିପ ଯୋଜନା କରିଛନ୍ତି।
ଆରୋଗ୍ୟ ହିମାଳୟ, ହଜାର ହଜାର ଗଛ ଲଗାଇ ଆଜି ପର୍ଯ୍ୟନ୍ତ ପ୍ରାୟ ୫, ୦୦,୦୦୦ କିଲୋଗ୍ରାମ ଅଣ ଅବକ୍ଷୟ ଜାତୀୟ ବର୍ଯ୍ୟବସ୍ତୁ ସଫା କରିଛି
ଯେହେତୁ ମୁଁ ଏହି ଯାତ୍ରା ଆରମ୍ଭ କରିଛି, ଆଉ ପଛକୁ ଚାହିଁବି ନାହିଁ. ଆମକୁ ବହୁତ କିଛି କରିବା ଆବଶ୍ୟକ. ଆମେ କେବଳ ଭୁ ପୃଷ୍ଠ କୁ ସ୍କ୍ରାଚ କରିଛୁ.


କାମିୟା କାର୍ତ୍ତିକେୟନ
ଶ୍ରେଣୀଗୃହ ଉତ୍ତେଜିତ ଚାଟର ଶବ୍ଦରେ ପରିପୂର୍ଣ୍ଣ ଥିଲା | ଗ୍ରୀଷ୍ମ ଛୁଟି ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ |
ଶ୍ରେଣୀ ଗୃହଟି ପିଲା ମାନଙ୍କର କୋଳାହଳ, ପାରା ମାନଙ୍କ ର ଟେଁ ଟାଁ ଶବ୍ଦ ଭଳି ଲାଗୁଥିଲା. ତୁମେ ମାନେ ପରସ୍ପର କୁ ଶୁଣି ପାରୁଛ?
ସାର ମୁଁ ମୋର ସମ୍ପର୍କୀୟ ଙ୍କ ସାଙ୍ଗରେ ଏକ ଟ୍ରେକ ଯାଉଛି. ଆମେ ପାଶ୍ଚାତ୍ୟ ଘାଟ କୁ ଯାଉଛୁ.
ଶାନ୍ତି ରକ୍ଷା କର. ମୋତେ ଏହି ପ୍ରେରଣା ଦାୟକ କାହାଣୀ କହିବାକୁ ଦିଅ, ଯାହା ଆମ ପ୍ରଧାନମନ୍ତ୍ରୀ ମନ କି ବାତ ରେ ସମସ୍ତଙ୍କ ସହ ସେୟାର କରି ଥିଲେ. ଏହା ଏକ ଛୋଟ ଝିଅର କାହାଣୀ.
ତାଙ୍କ ପିତା, ଭାରତୀୟ ନୌସେନା ର ଜଣେ ଅଧିକାରୀ ଥିଲେ. ସେ ଲୋନାଭାଲା ରେ ପୋଷ୍ଟ ହୋଇଥିଲେ. ସେତେବେଳେ କାମିଆ ତିନି ବର୍ଷ ବୟସ ର ହୋଇ ଥିଲେ. ଛୁଟି ଦିନ ମାନଙ୍କରେ, ସେମାନେ ନିକଟସ୍ଥ ଟ୍ରେଲ ଗୁଡିକରେ ଦୀର୍ଘ ପଦ ଯାତ୍ରା କରୁ ଥିଲେ.
ଆପା, ପରବର୍ତ୍ତୀ ସମୟରେ ସେହି ପଥକୁ ଯିବା |
ମୋ ଝିଅ ଦୁସାହସ ପ୍ରତି ମୋର ପ୍ରେମ ସହିତ ବଢୁଛି!
କମିଆଙ୍କ ପିତା ହିମାଳୟ କୁ ଦୀର୍ଘ ଅଭିଯାନ ଆରମ୍ଭ କରିବାକୁ ଲାଗିଲେ.
ଆମ୍ମା, ଆପା ପୁନର୍ବାର ଫେରିବା ପର୍ଯ୍ୟନ୍ତ କେତେ ଦିନ?
ଗୋଟିଏ ମାସ, କାମିଆ |


ବାବା ଆମଠାରୁ ଦୂରେଇ ଯାଉଥିବା ପର୍ବତଗୁଡ଼ିକ ବିଷୟରେ କ'ଣ?
ଚାଲ ଖୋଜିବାକୁ ଯିବା, ଆମେ କରିବା କି?
ତାଙ୍କ ମା ଜାଣିସାରିଥିଲେ, କାମିଆ ର ପର୍ବତାରୋହଣ କରିବାର ଆଗ୍ରହ ଏବଂ ଇଚ୍ଛା.
ଶୀଘ୍ର -
ଏହା ଆଶ୍ଚର୍ଯ୍ୟଜନକ ନୁହେଁ କି?
ଏହା ଦୁନିଆର ଶୀର୍ଷ ପରି ଅନୁଭବ କରେ!
ସାତ ବର୍ଷ ବୟସରେ ସେ ଉତରାଖଣ୍ଡ ର ଚନ୍ଦ୍ରଶିଳା ଶିଖର କୁ ଯାଇଥିଲେ.
ଦୁଇ ବର୍ଷ ପରେ କାମିଆ ଲଦାଖ ର ମାଉଣ୍ଟ କାଂଗ୍ରୀ ପର୍ବତ ଉପରକୁ ଚଢ଼ି ଥିଲେ.
ସେଇଟା ଥିଲା ୬୦୦୦ ମିଟର ଆରୋହଣ.
ହୋରେ!
କିଛି ଦିନ ପରେ, ସେ ଏକ ବ୍ୟକ୍ତିଗତ ମିଶନ ଆରମ୍ଭ କଲେ.
କାମିଆ ଚାହିଁଥିଲେ, ସମସ୍ତ ସାତ ମହାଦେଶ ର ସର୍ବୋଚ୍ଚ ଶିଖର କୁ ଚଢ଼ିବାକୁ ଏବଂ ଉତ୍ତର ଏବଂ ଦକ୍ଷିଣ ପୋଲ କୁ ସ୍କି କରିବାକୁ.
ମିଶନ ସାହସ ଭାବରେ କାମିଆ ତାର ନାମ ରଖିଲେ. ଏକ୍ସପ୍ଲୋରର ଗ୍ରାଣ୍ଡ ସ୍ଲାମ ଭାବରେ ମଧ୍ଯ ଜଣା ଶୁଣା.

# କାମିୟା କାର୍ତ୍ତିକେୟନ



2022 ସୁଦ୍ଧା, କାମିଆ ସାତଟି ପର୍ବତ ଶିଖର ରୁ ପାଞ୍ଚ ଟି ଆରୋହଣ କରିଛନ୍ତି.
TANZANIA
ଆଫ୍ରିକା ର ସର୍ବୋଚ୍ଚ ଶିଖର କିଲିମାନଜାରୋ ପର୍ବତ.
ୟୁରୋପ ର ସର୍ବୋଚ୍ଚ ଶିଖର ଏଲବ୍ରସ ପର୍ବତ
ଅଷ୍ଟ୍ରେଲିଆ ର ସର୍ବୋଚ୍ଚ ଶିଖର ମାଉଣ୍ଟ କୋସିୟୁସ୍କୋ.
ମାଉଣ୍ଟ ଅକୋନକାଗୁଆ, ଦକ୍ଷିଣ ଆମେରିକାର ସର୍ବୋଚ୍ଚ ଶିଖର.
ମାଉଣ୍ଟଡେନାଲି, ଉତ୍ତର ଆମେରିକା ର ସର୍ବୋଚ୍ଚ ଶିଖର.
ମାଉଣ୍ଟ ଅକୋନକାଗୁଆ କୁ ଜୟ କରିବାରେ ସେ ସବୁଠାରୁ କନିଷ୍ଠ ବ୍ୟକ୍ତି ଏବଂ ଏଲବ୍ରସ ପର୍ବତ ର ଶିଖର ରୁ ସ୍କି କରିବାରେ ସେ ସବୁଠାରୁ କନିଷ୍ଠ ବ୍ୟକ୍ତି.
ତାଙ୍କର ଅଦମ୍ୟ ଉଦ୍ୟମ ଏବଂ ପାର୍ବତାରୋହଣ ରେ ଅନେକ ସଫଳତା ପାଇଁ ଭାରତ ସରକାର ତାଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ସମ୍ମାନ ରେ ସମ୍ମାନିତ କରି ଥିଲେ.
(NIC)
BARAMULLA
ପର୍ବତ ମାନଙ୍କ ପ୍ରତି ଆକର୍ଷଣ, ଯାହା ଏକ ପାରିବାରିକ ସାହାସିକ କାର୍ଯ୍ୟ ଭାବରେ ଆରମ୍ଭ କରିଥିଲେ, ସେଥିରେ ସେ ଇତିହାସ ରଚିବାରେ ସଫଳ ହେଲେ. କାମିଆ ସର୍ବୋଚ୍ଚ ସମ୍ମିଳନୀ ଜିତିବା ଏବଂ ନୂତନ ରେକର୍ଡ ସେଟ କରିବା ଜାରି ରଖିଛନ୍ତି.




* ଏହା ଏକ ଜେନେଟିକ ରୋଗ, ଯାହା ବୌଦ୍ଧିକ ବିକାଶ ରେ ବିଳମ୍ବ ଘଟାଏ.

* ହୃଦୟ ର ଗଠନ ର ସମସ୍ୟା ଜନ୍ମଗତ.

# ଆନଭି ଯାନଯାରୁକିଆ


ଅନଭି ଯେତେବେଳେ ବଡ ହେଲେ, ସେ ଦେଖିଲେ ଟାଙ୍କ ବୟସ ର ପିଲା ମାନେ ସହଜ ରେ ଯେଉଁ ସରଳ କାମ କରୁଛନ୍ତି,ସେଥିପାଇଁ ଟାଙ୍କୁ ସଂଘର୍ଷ କରିବାକୁ ପଡୁଛି.
ମୋ ସହିତ କଥା ହୁଅ | ତୁମେ କେବେ କଥା କହିବା ଆରମ୍ଭ କରିବ
ଅନଭି ଙ୍କୁ ଦଶ ବର୍ଷ ବୟସ ବେଳେ ତାଙ୍କ ଶରୀର ର ଆଶ୍ଚର୍ଯ୍ୟ ଜନକ ଭାବରେ ପରିବର୍ତ୍ତନ ଦେଖିବାକୁ ମିଳିଲା.
ଆପଣ ତାହା ଦେଖୁଛନ୍ତି କି?
ଓହ! ଆଶ୍ଚର୍ଯ୍ୟଜନକ!
ତାହା ହେଉଛି ଉତ୍ତମ ଧାରଣା! ଏହା ତାଙ୍କୁ ସାହାଯ୍ୟ କରିପାରେ | ସ୍ୱାସ୍ଥ୍ୟ ମଧ୍ୟ
ଦେଖ ସେ କେତେ ନମନୀୟ! ଯୋଗ ଶିଖିପାରେ |
ଅବନୀ ଙ୍କ ଅନୁରୋଧ କ୍ରମେ, ଅନଭି ଙ୍କ ବିଦ୍ୟାଳୟ ର ଯୋଗ ଶିକ୍ଷୟିତ୍ରୀ ନମ୍ରତା ତାଙ୍କୁ ଯୋଗ ଶିକ୍ଷା ଆରମ୍ଭ କରେଇ ଥିଲେ.
ଧିରେ ଧିରେ ତଳକୁ ନଇଁ ଆଙ୍ଗୁଠି କୁ ଧରି ରଖ ଆଣ୍ଠୁଗୁଡିକ ସଠିକ୍ ହେବା ଆବଶ୍ୟକ |


କିଛି ସପ୍ତାହ ପରେ -
କେମିତି ଚାଲିଛି?
ତାଙ୍କ ପାଇଁ କଷ୍ଟ ହେଉଛି, କିନ୍ତୁ ସେ ଛାଡ଼ିବା ଲୋକ ନୁହେଁ.
ଅନଭି ପ୍ରତିଦିନ ସକାଳେ ଏକ ଘଣ୍ଟା, ଏବଂ ସନ୍ଧ୍ୟା ରେ ଏକ ଘଣ୍ଟା ଯୋଗ ଅଭ୍ୟାସ କରିବା ଆରମ୍ଭ କରିଲେ. ଦିନେ
ମା ....
ଯୋଗ ପ୍ରତିଯୋଗୀତା ରେ ଅନଭି ପ୍ରଥମ ପୁରସ୍କାର ଜିତିଥିଲେ.
ମୁଁ ମୋ ଆଖିକୁ ବିଶ୍ୱାସ କରିପାରିବି ନାହିଁ! ମୁଁ ବହୁତ୍ ଖୁସି!
ପରବର୍ତ୍ତୀ 3 ବର୍ଷ ମଧରେ ଅନଭି ଜାତୀୟ ସ୍ତରୀୟ ପ୍ରତିଯୋଗିତା ରେ ତିନୋଟି ସ୍ୱର୍ଣ୍ଣ ଏବଂ ଦୁଇଟି ବ୍ରୋଞ୍ଜ ପଦକ ସହିତ 51 ଟି ପଦକ ଜିତି ଥିଲେ. ଡିସେମ୍ବର 2021
ରେ ଅକ୍ଷମତା ସହିତ୍ ଶ୍ରେଷ୍ଠ ସୃଜନଶୀଳ ଶିଶୁ ପାଇଁ ଜାତୀୟ ପୁରସ୍କାର ଅନଭି ଜାନଜାରୁକିଆ କୁ ପ୍ରଦାନ କରା ଯାଇଛି.
ଜାନୁଆରୀ 2022 ରେ ଅନଭି ଙ୍କୁ ପ୍ରଧାମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ପ୍ରଦାନ କରା ଯାଇଛି. ମାତ୍ର କିଛି ମାସ ପରେ ତାଙ୍କ ସ୍ୱପ୍ନ ସାକାର ହେଲା, ଯେତେବେଳେ ପ୍ରଧାନମନ୍ତ୍ରୀ ତାଙ୍କୁ ଭେଟିବାକୁ ନିମନ୍ତ୍ରଣ ଦେଇ ଥିଲେ.
'ତୁମେ ଭାରତ କୁ ଗର୍ବିତ କରିଛ. ତୁମ ଆଗରେ ଏକ ଉଜ୍ଜଳ ଭବିଷ୍ୟତ ଅଛି.
ଧନ୍ୟବାଦ!
ଅନଭି ଙ୍କର ଇଛା ସେ ପ୍ରଧାନ ମନ୍ତ୍ରୀ ଙ୍କ ସହିତ ଯୋଗାସନ କରିବେ.





# ମନ କି ବାତ

## ଖଣ୍ଡ 1

ଯେତେବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ରମୋଦୀ ଅକ୍ଟୋବର 3, 2014ରେ ତାଙ୍କର ନିଜର ମାସିକ ରେଡ଼ିଓ କାର୍ଯ୍ୟକ୍ରମ୍ ମନ କି ବାତ ଆରମ୍ଭ କରିଥିଲେ, ସେତେବେଳେ ସେ ଏକ ପ୍ଲାଟଫର୍ମ ପାଇବାକୁ ଚାହୁଁଥିଲେ, ଯେଉଁଠାରେ ସେ ସିଧା ସଳଖ ଲୋକଙ୍କ ସହ ଯୋଡି ହୋଇ ତାଙ୍କ ହୃଦୟ ର ନିକଟବର୍ତ୍ତୀ ପ୍ରସଙ୍ଗ ଗୁଡିକ ବିଷୟରେ କଥା ବାର୍ତ୍ତା କରି ପାରିବେ. ଏପ୍ରିଲ 2023 ରେ ସେ ଏହି କାର୍ଯ୍ୟକ୍ରମର 100 ଟି ଅଧ୍ୟାୟ ସମାପ୍ତ କରିଥିଲେ, ଯାହା ମାଧ୍ୟମ ରେ ସେ ଭାରତ ର ସାଧାରଣ ନାଗରିକ ଙ୍କ ଦ୍ୱାରା କରାଯାଇଥିବା କିଛି ପ୍ରେରଣା ଦାୟକ କାର୍ଯ୍ୟ ଲୋକ ଲୋଚନ କୁ ଆଣି ପାରି ଥିଲେ. ବ୍ୟକ୍ତି ବିଶେଷ ଏବଂ ସଂଗଠନ ଦ୍ୱାରା ଉଲ୍ଲେଖନୀୟ ସଫଳତା ବିଷୟରେ ମଧ୍ୟ ସେ ଲୋକ ମାନଙ୍କ ସାଙ୍ଗରେ ସେଆର କରୁଥିଲେ. ଯେଉଁ ଲୋକ ମାନେ, ଶାରୀରିକ ଅକ୍ଷମତା, ଦରିଦ୍ର୍ୟତା ଏବଂ ନିରାଶା କୁ ଅତିକ୍ରମ କରି ନିଜ ନିଜର ଦୃଢ଼ ମନୋବଳ ଦ୍ୱାରା ଅସାଧ୍ୟ କାର୍ଯ୍ୟ ସାଧନ କରି ନିଜର ନାମ ସହିତ ନିଜ ରାଜ୍ୟ ତଥା ନିଜ ଦେଶ କୁ ଗୌରାବାନ୍ୱିତ କରିଛନ୍ତି.ନିଜ ସହିତ ଅନେକ ଲୋକଙ୍କୁ ଏକତ୍ରିତ କରି ଅନେକ ସଂଗଠନ ଗଢ଼ିଥିଲେ ଲକ୍ଷ ପୂରଣ କରିବା ନିମନ୍ତେ, ସେମାନଙ୍କୁ ପ୍ରଧାନ ମନ୍ତ୍ରୀ ଉତ୍ସାହିତ କରିଥିଲେ.

ଅମର ଚିତ୍ର କଥା ସଂସ୍କୃତି ମନ୍ତ୍ରଣାଳୟ ସହିତ ମନ କି ବାତ ର କାହାଣୀ ଚୟନ ଉପରେ ଆଧାର କରି 12 ଟି କମିକ ଧାରାବାହିକ ର ପ୍ରଥମ ଅଧ୍ୟାୟ ଉପସ୍ଥାପନ କରିଛନ୍ତି.



₹90

ISBN 978-81-19242-31-3
9 788119 242313